# ଆଦିବାସୀ ମେଳା-୨୦୧୭ର ମଙ୍ଗଳବାର ସନ୍ଧ୍ୟା

ତା ୦୨.୦୨.୨୦୧୭ ରିଖ; ବହୁ ଆକାଂକ୍ଷିତ ଆଦିବାସୀ ମେଳା-୨୦୧୭ ପହଂଚିଛି ତା'ର ଅଷ୍ଟମ ସନ୍ଧ୍ୟାରେ । ସହର ଯାକର ଅଧିବାସୀ ଆଜି ମେଳ ହୋଇଛନ୍ତି ଏହି ମେଳାରେ । ଜନସମୁଦ୍ର । ଲକ୍ଷାଧିକ ଜନତାଙ୍କ ମିଳନରେ ମହାମେଳଣ ପାଲିଟିଛି ଆଦବାସୀ ମେଳା । ସହରୀ ଜୀବନ ବ୍ୟବସ୍ଥା ଭିତରେ ଭୁଲିଯାଇଥିବା ଆତ୍ମୀୟମାନଙ୍କ ସହ ଅକସ୍ମାତ ମିଳନର ମୂହୁର୍ତମାନ ଖୁବ୍ ସୁଖଦ ମନେହେଉଛି । ଏକ ଆତ୍ମୀୟ ପରିବେଶ ଯେମିତି ଏହା ଏକ ବନ୍ଧୁ ମିଳନର ମୁକ୍ତମଂଚ ।

ଆଦିବାସୀ ମେଳାରେ ଭୁବନେଶ୍ୱର ବାସୀଙ୍କ ମନଲୋଭା ଜନଜାତି ଖାଦ୍ୟ ପ୍ରାଙ୍ଗଣରେ ଆଜିର ଦିନ ଥିଲା ଅଭୁଲା । ଖୁବ୍ ଭିଡ ଭିତରୁ ନିଜ ପସନ୍ଦର ଖାଦ୍ୟ ପୁଡିଆ ଆଣି ତା'ର ମଉଜ ନେବା ଥିଲା ଆଜିର ନିଆରା ଅନୁଭବ । ଏହି ଖୁସିକୁ ଦର୍ଶକମାନେ ମନଭରି ଉପଭୋଗ କରୁଥିଲେ ଖାଦ୍ୟ ପ୍ରାଙ୍ଗଣରେ । ଓଡିଆମାନଙ୍କ ମନଖୁସି ପେଟପୂଜାରୁ ହିଁ ହୋଇଥାଏ । ଏହି ପେଟ କଥା ବୁଝିବାପାଇଁ ଆଦିବାସୀ ମେଳାର ଖାଦ୍ୟ ପ୍ରାଙ୍ଗଣରେ ସୁଅ ଛୁଟିଥିଲା ଦର୍ଶକମାନଙ୍କର । ସେ ମୁଢି ମାଂସ ହେଉ ଅବା ସୁଆଁ ଖିରି ଅବା ବିଭିନ୍ନ ପ୍ରକାର ପିଠା । ପ୍ରତ୍ୟେକଟି ଖାଦ୍ୟ ଦର୍ଶକମାନଙ୍କ ମନ ଖୁସି କରିପାରିଥିଲା ।

ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ନୃତ୍ୟ ସମାରୋହର ସ୍ୱାଦଥିଲା ଭିନ୍ନ । ପ୍ରତିଦିନ ଭଳି ଆଜି ମଧ୍ୟ ବିଭିନ୍ନ ଆଦିବାସୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା । ଆଇ.ଟି.ଡି.ଏ., ବାଲିଗୁଡା, ଆଇ.ଟି.ଡି.ଏ, ପାରଳାଖେମୁଣ୍ଡି, ଆଇ.ଟି.ଡି.ଏ, ଗୁଣୁପୁର, ଆଇ.ଟି.ଡି.ଏ, ରାୟଗଡା ଦ୍ୱାରା ପରିବେଷିତ ବିଭିନ୍ନ ପ୍ରକାରର ଜନଜାତି ନୃତ୍ୟ ବିଚିତ୍ରା ଆଜିର ମାହୋଲକୁ ଉଷ୍ମ କରିଥିଲା । ଜନସମୁଦ୍ର ମୁକ୍ତ ରଙ୍ଗମଂଚରେ ନିଜ ସ୍ଥାନ ବଜାୟ ରଖି ନୃତ୍ୟ ସନ୍ଦର୍ଶନରେ ନିଜକୁ ସାମିଲ କରିଥିଲେ ଏବଂ ଅବସରର ଭରପୂର ଫାଇଦା ନେଇଥିଲେ ।

******